# NATIONAL NEWS BULLETIN (ODIA)

## 19 January - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ସିଙ୍ଗୁରଠାରେ ୮୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ
- ଗାଜାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ ନେଇ ଗଠିତ ଶାନ୍ତି କମିଟିରେ ଯୋଗଦେବାକୁ ଆମେରିକା ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ କଲେ ନିମନ୍ତ୍ରଣ ।
- ଭାରତ ଗସ୍ତରେ ଆଜିଠାରୁ ଆସୁଛନ୍ତି ସଂଯୁକ୍ତ ଆରବ ଏମିରେଟ୍‌ସ୍‌ର ରାଷ୍ଟ୍ରପତି
- ଇରାନ ବିକ୍ଷୋଭ ଓ ହିଂସାକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ୫ ହଜାରକୁ ବୃଦ୍ଧି

ଏବଂ

- ଇନ୍ଦୋର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌କୁ ଜିତି ୨-୧ରେ ସିରିଜ୍ ଅକ୍ତିଆର କଲା ନ୍ୟୁଜିଲ୍ୟାଣ୍ଡ

# ପିଏମ୍-ୱେଷ୍ଟବେଙ୍ଗଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ଅନ୍ତର୍ଗତ ସିଙ୍ଗୁରଠାରେ ଗତ ସନ୍ଧ୍ୟାରେ ୮୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ପୂର୍ବଭାରତର ବିକାଶ ଦେଶର ବିକାଶ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ ଏବଂ କେନ୍ଦ୍ର ସରକାର ଏହି ଲକ୍ଷ୍ୟ ହାସଲ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ଭିତ୍ତିଭୂମି ଓ ସଂଯୋଗୀକରଣକୁ ସୁଦୃଢ଼ କରିବା ପାଇଁ ସମଗ୍ର ପଶ୍ଚିମବଙ୍ଗରେ ଶହଶହ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପ୍ରମୁଖ ରେଳ ପ୍ରକଳ୍ପ ଉପରେ ଆଲୋପପାତ କରି ଶ୍ରୀ ମୋଦୀ କହିଛନ୍ତି ଗତ ଶନିବାର ପଶ୍ଚିମବଙ୍ଗରୁ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚଳାଚଳ ଆରମ୍ଭ କରିଛି । ଶ୍ରୀ ମୋଦୀ ଅନ୍ୟ ୩ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ଗତକାଲି ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍ ଗୁଡ଼ିକ କୋଲକାତାରୁ ଦିଲ୍ଲୀର ଆନନ୍ଦବିହାର ଟର୍ମିନାଲ, ତାମିଲନାଡୁର ବନାରସ ଏବଂ ତାମ୍ବରମ୍ ସହିତ ସଂଯୋଗ କରୁଛି। ପଶ୍ଚିମବଙ୍ଗରେ ବନ୍ଦର କୈନ୍ଦ୍ରିକ ଜଳପଥ ଆଧାରିତ ବିକାଶ ଉପରେ କେନ୍ଦ୍ର ଗ୍ରହଣ କରୁଥିବା ପଦକ୍ଷେପ ସଂପର୍କରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି । ବନ୍ଦର ଏବଂ ଆଭ୍ୟନ୍ତରଣ ଜଳପଥ ସହିତ ଜଡ଼ିତ ପ୍ରକଳ୍ପଗୁଡ଼ିକ ରାଜ୍ୟକୁ ଉତ୍ପାଦନ, ବାଣିଜ୍ୟ ଓ ଲଜିଷ୍ଟିକ୍‌ର ଏକ ପେଣ୍ଠସ୍ଥଳୀ ଭାବେ ପରିଣତ କରିବାରେ

ସହଯୋଗ ପ୍ରଦାନ କରିବ । ଏହା ଦ୍ୱାରା ନିଯୁକ୍ତି ସୁଯୋଗ ଗତିଶୀଳ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-Model Connectivity)**

ପ୍ରଧାନମନ୍ତ୍ରୀ' ବାଲାଗଡ଼ଠାରେ ସମ୍ପ୍ରସାରିତ ବନ୍ଦର ଗେଟ୍ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପ କୋଲେକାତାରେ ଭାରୀ କାର୍ଗୋ ବ୍ୟବସ୍ଥାକୁ ପରିବର୍ତ୍ତନ କରି ଭିଡ଼ ହ୍ରାସ କରିବା ସହ ଲଜିଷ୍ଟିକ୍ସ୍ ଦକ୍ଷତାରେ ଉନ୍ନତି ଆଣିବା ସହିତ ହୁଗୁଲି ଏବଂ ଆଖପାଖ ଅଞ୍ଚଳ ପାଇଁ ନୂତନ ଆର୍ଥିକ ସୁଯୋଗ ଉନ୍ନତ କରିବ ।

ଶ୍ରୀ ମୋଦୀ କୋଲ୍‌କାତାଠାରେ ଏକ ଅତ୍ୟାଧୁନିକ Catamaran ର ଶୁଭାରମ୍ଭ କରିଛନ୍ତି । ଏଭଳି ପଦକ୍ଷେପ ଚାଷୀ, ମତ୍ସ୍ୟଜୀବୀ, କ୍ଷୁଦ୍ର ବ୍ୟବସାୟୀ ଏବଂ ପରିବହନକାରୀଙ୍କୁ ସୁଫଳ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

# ଟ୍ରମ୍ପ-ମୋଦି

ଗାଜାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଗଠନ କରିଥିବା କମିଟିର ସଦସ୍ୟ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ଲିଖିତ ଏ ସଂପର୍କିତ ଚିଠିକୁ ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ଶ୍ରୀ ଟ୍ରମ୍ପ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ 'ବୋର୍ଡ ଅଫ୍ ପିସ୍'ରେ ସାମିଲ

ହେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି । ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାକୁ ସୁଦୃଢ଼ କରିବା ଏବଂ ବୈଶ୍ୱିକ ଆହ୍ୱାନଗୁଡ଼ିକର ସମାଧାନ ଲକ୍ଷ୍ୟରେ ଏକ ସାହସିକ ନୂତନ ପଦକ୍ଷେପ ଆରମ୍ଭ କରିବା ପାଇଁ ଶ୍ରୀ ମୋଦୀଙ୍କୁ ତାଙ୍କ ସହ ଯୋଗଦେବା ପାଇଁ ଶ୍ରୀ ଟ୍ରମ୍ପ ଅନୁରୋଧ କରିଛନ୍ତି । ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧ ବିରତି ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ଲକ୍ଷ୍ୟ ନେଇ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଏହି ଶାନ୍ତି କମିଟି ଗଠନ କରିଛନ୍ତି । ଗତ ଅକ୍ଟୋବର ମାସରେ ଇସ୍ରାଏଲ୍ ଏବଂ ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଶ୍ରୀ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବ ସହିତ ସହମତ ହୋଇଥିଲେ । ଶ୍ରୀ ମୋଦୀଙ୍କୁ ଲେଖିଥିବା ଚିଠିରେ ଶ୍ରୀ ଟ୍ରମ୍ପ ଗାଜା ଯୁଦ୍ଧ ବିରତି ନେଇ ଗତ ସେପ୍ଟେମ୍ବର ୨୯ ତାରିଖରେ ତାଙ୍କ ଦ୍ୱାରା ଘୋଷିତ ୨୦ ସୂତ୍ରୀ ପ୍ରସ୍ତାବ ଉପରେ ଉଲ୍ଲେଖ କରିଛନ୍ତି ।

## ଛତିଶଗଡ଼-ଏନକାଉଣ୍ଟର

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ସେଥିମଧ୍ୟରୁ ୪ ଜଣ ମହିଳା କ୍ୟାଡର ଅନ୍ତର୍ଭୁକ୍ତ । ଜିଲ୍ଲା ରିଜର୍ଭ ଗାର୍ଡ, କୋବ୍ରା ବାହିନୀ ଏବଂ ଏସ୍‌ଟିଏଫ୍ ର ମିଳିତ ଅଭିଯାନ ସମୟରେ ଏହି ଗୁଳି ବିନିମୟ ହୋଇଲା । ନିହତ ମାଓବାଦୀଙ୍କ ମଧ୍ୟରୁ ୪ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ସୁରକ୍ଷା ସଂସ୍ଥା ତରଫରୁ ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘ ସମୟ ଧରି ଇନ୍ଦ୍ରାବତୀ ରିଜର୍ଭ ଏବଂ

ଜାତୀୟ ଉଦ୍ୟାନ ଅଞ୍ଚଳରେ ଏହି ମାଓବାଦୀଙ୍କ ମଧ୍ୟରୁ କେତେଜଣ ସକ୍ରିୟ ରହିବା ସହ ହିଂସାତ୍ମକ କାର୍ଯ୍ୟକଳାପ ଚଳାଇଥିଲେ । ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି, ଆତ୍ମସମର୍ପଣ କରିବାକୁ ମାଓବାଦୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ଯ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରି ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ । ଗୁଳି ବିନିମୟ ଅଞ୍ଚଳରୁ ୨ଟି ଏକେ-୪୭ ରାଇଫଲ୍ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ହିଂସାମାର୍ଗ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଅନୁରୋଧ କରିଛନ୍ତି ।

# ୟୁଏଇ ପ୍ରେଜ୍

ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ ଆଜି ଭାରତକୁ ସରକାରୀ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ନାହ୍ୟାନ୍ ଏହି ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିବେ । ଗସ୍ତ ଅବସରରେ ଭାରତ-ୟୁଏଇ ବ୍ୟାପକ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହେବ । ୟୁଏଇ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ନାହ୍ୟାନ୍‌ଙ୍କର ଏହା ତୃତୀୟ ଭାରତ ଗସ୍ତ । ଭାରତ ଏବଂ ୟୁଏଇ ଦ୍ୱିପାକ୍ଷିକ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଏବଂ ଶକ୍ତିକ୍ଷେତ୍ରରେ ସହଯୋଗକୁ

ଅଧିକ ବ୍ୟାପକ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଗସ୍ତ ଅବସରରେ ବ୍ୟାପକ ଆର୍ଥିକ କ୍ଷେତ୍ର ଆଧାରିତ ସହଭାଗିତା ଚୁକ୍ତିନାମା ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।

## ବି.ଜେ.ପି. - ଇଲେକ୍ସନ୍

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ନିର୍ବାଚନ ନିମନ୍ତେ ଆଜି ମନୋନୟନ ପତ୍ର ଦାଖଲ କରାଯିବ । ଦଳର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ କେ. ଲକ୍ଷ୍ମଣ ଜାରି କରିଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ଣ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ  ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି । ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ପ୍ରାର୍ଥିପତ୍ରଗୁଡ଼ିକର ଯାଞ୍ଚ କରାଯିବ । ସନ୍ଧ୍ୟା ୬ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇ ପାରିବ । ପ୍ରାର୍ଥୀପତ୍ର ଦାଖଲ ହେବା ପ୍ରକ୍ରିୟା ଶେଷ ହେବା ପରେ ଆବଶ୍ୟକ ହେଲେ ଆସନ୍ତାକାଲି  ଭୋଟ୍ ଗ୍ରହଣ ହେବା ସହ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଏବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ବି.ଜେ.ପି. - ଇଲେକ୍ସନ୍

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ନିର୍ବାଚନ ନିମନ୍ତେ ଆଜି ମନୋନୟନ ପତ୍ର ଦାଖଲ କରାଯିବ । ଦଳର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ

କେ. ଲକ୍ଷ୍ମଣ ଜାରି କରିଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ଣ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥପତ୍ର ଦାଖଲ  ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି । ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ପ୍ରାର୍ଥିପତ୍ରଗୁଡ଼ିକର ଯାଞ୍ଚ କରାଯିବ । ସନ୍ଧ୍ୟା ୬ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇ ପାରିବ । ପ୍ରାର୍ଥୀପତ୍ର ଦାଖଲ ହେବା ପ୍ରକ୍ରିୟା ଶେଷ ହେବା ପରେ ଆବଶ୍ୟକ ହେଲେ ଆସନ୍ତାକାଲି  ଭୋଟ୍ ଗ୍ରହଣ ହେବା ସହ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଏବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଇରାନ-ପ୍ରୋଟେଷ୍ଟ୍

ଇରାନରେ ବିକ୍ଷୋଭ ଏବଂ ହିଂସାକାଣ୍ଡ ଘଟଣାରେ ୫୦୦ ସୁରକ୍ଷାକର୍ମୀଙ୍କ ସହିତ ୫ ହଜାର ଲୋକଙ୍କର ମୃତ୍ୟୁ ହୋଇଥିବା ଇରାନର ଜଣେ ଅଧିକାରୀ କହିଛନ୍ତି । ଦେଶରେ ମୃତ୍ୟୁସଂଖ୍ୟା ଏପର୍ଯ୍ୟନ୍ତ ସର୍ବାଧିକ ବୋଲି ସେ କହିଛନ୍ତି । ଇସ୍ରାଏଲ୍ ଏବଂ ବିଦେଶରେ ଥିବା ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ଏଥିପାଇଁ ଇରାନ ସରକାର ଦାୟୀ କରିଛନ୍ତି । ଗତ ଡିସେମ୍ବର ୨୮ ତାରିଖରେ ଇରାନର ମୁଦ୍ରା ରିଆଲ୍ ହ୍ରାସ ପାଇବା ପରେ ତେହେରାନ୍‌ରେ ପ୍ରତିବାଦ ଆରମ୍ଭ ହୋଇଥିଲା। ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଅଲ୍ଲୀ ଖାମେନେଇଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଭିନ୍ନ ଜାଗାରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ଗତ ୮ ତାରିଖରେ ଦେଶରେ ଇଣ୍ଟରନେଟ୍ ସେବା ବନ୍ଦ କରାଯିବା ସହ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରାଯାଇଥିଲା । ମାନବାଧିକାର ଗୋଷ୍ଠୀ ଦେଇଥିବା ସୂଚନା ଅନୁଯାୟୀ, ସୁରକ୍ଷାବାହିନୀ ବିକ୍ଷୋଭକାରୀଙ୍କୁ ଗଣହତ୍ୟା କରିଛି । ବିକ୍ଷୋଭରେ ଜଡ଼ିତ ୨୦ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି ବୋଲି ଏହି ଗୋଷ୍ଠୀ ସୂଚନା ଦେଇଛି ।

## ୱାର୍ଲଡ ଇକନମିକ୍ ଫୋରମ୍

ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍‌ର ୫୬ତମ ବାର୍ଷିକ ବୈଠକ ଆଜିଠାରୁ ଆରମ୍ଭ ହେଉଛି । ଏଥିରେ ୩ ହଜାରରୁ ଅଧିକ ବିଶ୍ୱସ୍ତରୀୟ ନେତା ଅଂଶ ଗ୍ରହଣ କରୁଛନ୍ତି । ୫ ଦିନିଆ ଏହି ବୈଠକରେ ଅଂଶ ଗ୍ରହଣ କରିବା ପାଇଁ ଭାରତ ସରକାରଙ୍କ ପ୍ରତିନିଧି ମଣ୍ଡଳୀ ସହିତ ୧୦୦ରୁ ଅଧିକ ଉଦ୍ୟୋଗୀ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାର ଯୋଗ ଦେଉଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ପ୍ରହ୍ଲାଦ ଯୋଶୀ, କେ. ରାମମୋହନ ନାଇଡୁ ପ୍ରମୁଖ ଏହି ବୈଠକରେ ଯୋଗଦେବେ । ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଆସାମ, ଝାଡ଼ଖଣ୍ଡ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ବୈଠକରେ ଯୋଗଦେଇ ନିବେଶ ଲକ୍ଷ୍ୟ ନେଇ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ କର୍ଣ୍ଣାଟକ, ଉତ୍ତରପ୍ରଦେଶ, କେରଳ ଏବଂ ତେଲଙ୍ଗାନା ଆଦି ରାଜ୍ୟର ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ।

# ଗଭ୍-ବିଭି ଜିରାମଜି

ଗ୍ରାମୀଣ ଅର୍ଥନୀତିକୁ ଅଧିକ ସଶକ୍ତ କରିବାରେ ବିକଶିତ ଭାରତ ଜିରାମଜି ଆଇନ ୨୦୨୫ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସରକାର କହିଛନ୍ତି। ଏହି ଆଇନର କାର୍ଯ୍ୟକାରିତା ଏବଂ ଏହାର ସୁଫଳ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଭୁଲ୍ ତଥ୍ୟ ପ୍ରଦାନ କରାଯାଉଛି ବୋଲି ସରକାର କହିଛନ୍ତି। ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଅତିକମ୍‌ରେ ୧୨୫ ଦିନର ମଜୁରୀ ପ୍ରଦାନକୁ ଏହି ଆଇନ ନିଶ୍ଚିତ କରିବ । ୧୫ ଦିନ ମଧ୍ୟରେ ନିଯୁକ୍ତି ପ୍ରଦାନ କରାନଗଲେ ବେକାରୀ ଭତ୍ତା ଦିଆଯିବା ନେଇ ଆଇନରେ ବ୍ୟବସ୍ଥା ରହିଛି ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏହା ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଅଧିସୂଚୀତ ମଜୁରୀ ହାରରେ ପ୍ରଦାନ କରାଯିବା ନେଇ ଆଇନରେ ପ୍ରାବଧାନ ରହିଛି । ଏହି ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ୬୦-୪୦ ଏବଂ କେତେକ କ୍ଷେତ୍ରରେ ୯୦-୧୦ ଅନୁପାତରେ ପାଣ୍ଠି ଯୋଗାଇବେ ।

# କ୍ରିକେଟ୍

ଇନ୍ଦୋର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ନିଉଜିଲ୍ୟାଣ୍ଡ ବିଜୟୀ ହୋଇ ୨-୧ରେ ସିରିଜ ଅକ୍ତିଆର କରିଛି । ହୋଲ୍‌କର ଷ୍ଟାଡିୟମରେ ଗତକାଲି ଖେଳାଯାଇଥିବା ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ

ନିଉଜିଲ୍ୟାଣ୍ଡ ୪୧ ରନ୍‌ରେ ଭାରତକୁ ପରାସ୍ତ କରିଛି । ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିଉଜିଲ୍ୟାଣ୍ଡ ନିର୍ଦ୍ଧାରିତ ୫୦ ଓଭର୍‌ରେ ୮ ଓ୍ୱିକେଟ୍ ବିନିମୟରେ ୩୩୭ ରନ୍ ସଂଗ୍ରହ କରିଥିଲା । ୩୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୪୬ ଓଭର୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୨୯୬ ରନ୍ ସଂଗ୍ରହ କରିଥିଲା । ନିଉଜିଲ୍ୟାଣ୍ଡର ଡାରିମ୍ ମିଚେଲ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟାର ଅଫ ଦି ସିରିଜ୍ ବିବେଚିତ ହୋଇଛନ୍ତି ।